# Akashvani, Sambalpur

## SAMBALPURI NEWS MORNING BULLETIN

## 29 June 2026 - 6.47- 6.52 am.

---

ସ୍ନାନଯାତ୍ରା ଆର୍‌ଏନ୍‌ୟୁ / ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ନ ଆଏଜ୍ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର୍ ପବିତ୍ର ସ୍ନାନଯାତ୍ରା ହେଉଛେ । ଶ୍ରୀମନ୍ଦିର୍ ପରିସର୍ ନ ଥିବା ସୁନା କୁଆଁନୁ ଶହେ ୮ କଲସ୍ ପାଏନ୍‌କେ ଅଭିମନ୍ତ୍ରିତ୍ ଆଉ ସୁବାଶିତ କରିକରି ମହାପ୍ରଭୁଙ୍କର୍ ଦିବ୍ୟ ସ୍ନାନ କରାଯିବା । ଇତାର୍‌ଉତ୍‌ରୁ ମହାପ୍ରଭୁଙ୍କର୍ ହାତୀ ବେଶ ହେବା । ଇଥିର୍‌ଲାଗି ଆଏଜ୍ ପହପହ ନୁ ମଙ୍ଗଳାର୍ପଣ, ପୁଷ୍ପାଞ୍ଜଳି ଆଉ ଡୋରଲାଗି ନୀତି ଶେଷ୍ ହେବାର୍ ଉତ୍‌ରୁ ସଖାଲର୍ ୫ ବଜେ ଶ୍ରୀଜୀଉମାନ୍‌କର୍ ପହଣ୍ଡି ଚାଲିଛେ । ଧାଡ଼ିପହଣ୍ଡିଥି ପ୍ରଭୁ ବଳଭଦ୍ର ଆର୍ ଦେବୀ ସୁଭଦ୍ରା ସ୍ନାନବେଦୀ ନ ବିଜେ କରିସାରିଥିବାର୍ ବେଳେ ଜଗନ୍ନାଥଙ୍କର୍ ପହଣ୍ଡି ମୁଲ୍ ହେଇଛେ । ସ୍ୱତନ୍ତ୍ର ନୀତିକାନ୍ତି ଉତ୍‌ରୁ ମହାପ୍ରଭୁଙ୍କର୍ ଦିବ୍ୟସ୍ନାନ ହେବା । ଉପର୍‌ବେଲା ୩ ନୁ ସାଢ଼େ ୩ ବଜେ ଭିତ୍‌ରେ ଛେରାପହଁରା,

ସାଢ଼େ ୪ ବଜେ ହାତୀ ବେଶ ଦର୍ଶନ୍ ଆଉ ସଞ୍ଜ୍‌ବେଲା ୭ ବଜେ ନୁ ରାତିର୍ ସାଢ଼େ ୯ ବଜେତକ୍ ସାହାଣ ମେଲା ଦର୍ଶନ୍ ବ୍ୟବସ୍ଥା ଲାଗି ନୀତିନୀର୍ଘଂଟ କରାଯାଇଛେ । ରାତି ସାଢ଼େ ୧୧ ବଜେନୁ ବାହୁଡ଼ା ପହଣ୍ଡି କରାଯିବା । ଇ ବାବ୍‌ଦେ ପୁରୀନୁ ପଣ୍ଡିତ୍ ଦୟାନିଧିଙ୍କର୍ ସୂଚ୍‌ନା....

(ଭଏସ୍ ଓଭର୍- ପଣ୍ଡିତ୍ ଦୟାନିଧି)

ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର୍ ସ୍ନାନ ଯାତ୍ରାକେ ଶୃଙ୍ଖଲିତ୍ କର୍‌ବାର୍ ଲାଗି ଶ୍ରୀମନ୍ଦିର୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ଜବର୍ ବ୍ୟବସ୍ଥା କରାଯାଇଛେ । ଭିଡ୍ ଜାଗା ମାନ୍‌କେ ୭୯ ପ୍ଲାଟୁନ୍ ଫୋର୍ସ ମୁତୟନ୍ କରାଯିବାର୍ ସହେତେ ସାରା ସହର୍‌କେ ସିସିଟିଭି ସର୍ବେକ୍ଷଣ୍‌ଥି ରଖାଯାଇଛେ । ଦେବସ୍ନାନ ପୂର୍ଣ୍ଣିମା ଅବ୍‌ସରେ ଆଏଜ୍ ପୁରୀ ପୌରାଂଚଲ୍‌ର ସବୁ ବିଦ୍ୟାଲୟ ବନ୍ଦ୍ ରଖ୍‌ବାର୍‌କେ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ନିଷ୍ପତି ନିଆଯାଇଛେ ।

ମହାପ୍ରଭୁଙ୍କର୍ ସ୍ନାନଯାତ୍ରା ଦର୍ଶନ୍ ଲାଗି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଆଏଜ୍ ସଖାଲୁ ପୁରୀ ପୁହୁଁଚିକରି ମାହାପୁରୁମାନ୍‌କର୍ ପହଣ୍ଡି ଦର୍ଶନ୍ କରିଛନ୍ । ସେଆଡ଼େ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ଆଏଜ୍ ପୁରୀ ଯିବାର୍ କାର୍ଯ୍ୟକ୍ରମ୍ ରହିଛେ ।

ସଖାଲ୍‌ବେଲା ସ୍ନାନବେଦୀ ନ ମାହାପୁରୁମାନ୍‌କର୍ ଦର୍ଶନ୍ କର୍‌ବାର୍ ଉତ୍‌ରୁ ରାଜନଅରକେ ଯାଇକରି ଗଜପତି ମହାରାଜ୍‌ଙ୍କର୍ ସହେତେ ମୁଖ୍ୟମନ୍ତ୍ରୀ ଭେଟ୍‌ବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଏସ୍‌ଆଇଆର୍        ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଚାଲିଥିବା ଭୋଟର୍ ତାଲିକାଥି ସ୍ୱତନ୍ତ୍ର ସଘନ ସଂଶୋଧନ- ଏସ୍‌ଆଇଆର୍ ପ୍ରକ୍ରିୟା ଗଲାକାଏଲ୍ ଶେଷ୍ ହେଇଛେ । ନିର୍ବାଚନ୍ ପ୍ରଶାସନ୍ ତର୍‌ଫୁ ଶେଷ୍ ଦିନେ ସବୁ କାମ୍‌କେ ତୁର୍‌ତି କରାଯାଇଛେ । ଇହାଦେତକ୍ ରାଏଜେ ୩ କୋଟି ୩୩ ଲାଖ୍ ୭୭ ହଜାର୍ ୯ ଶହ ୪୨ ଟା ଫର୍ମ ବଂଟାଯାଇଛେ ଆଉ ଇ ସମିଆ ଭିତ୍‌ରେ ୩ କୋଟି ୧୩ ଲାଖ୍ ୭୯ ହଜାର୍ ୪ ଶହ ୨୭ ଟା ଫର୍ମର ଡିଜିଟାଇଜେସନ୍ ପ୍ରକ୍ରିୟା ଶେଷ୍ ହେଇଛେ । ଅଭିଯାନ୍‌ଥି ଅଏତ୍‌କାନୁ ଅଏତ୍‌କା ଜନଭାଗିଦାରୀକେ ସୁନିଶ୍ଚିତ୍ କର୍‌ବାର୍ ସହେତେ ସବୁ ଯୋଗ୍ୟ ଭୋଟର୍‌ମାନ୍‌କୁ ସାମିଲ୍ କର୍‌ବାର୍ ଲାଗି ରାଜ୍ୟର୍ ଫି' ନିର୍ବାଚନ୍ ମଣ୍ଡଲୀ ନ ବୁଥ୍‌ସ୍ତରୀୟ ଅଧିକାରୀମାନେ ଆଉ ପ୍ରତିନିଧିମାନ୍‌କୁ ନିଯୁକ୍ତ କରାଯାଇଥିଲା ।

ପରିସଂଖ୍ୟାନ୍ ଦିବସ     ଆର୍‌ଏନ୍‌ୟୁ ସମ୍ବଲପୁର୍

ସବୁଦିନିଆ ଜୀବନ୍‌ଥି ପରିସଂଖ୍ୟାନ - ଷ୍ଟାଟିଷ୍ଟିକ୍ସର ବେଭାର୍‌କେ ଲୋକପ୍ରିୟ କର୍‌ବାର୍ ଲାଗି ଫି ବଛର୍ ଆଝିର୍ ଦିନ୍‌କେ ଜାତୀୟ ପରିସଂଖ୍ୟାନ୍ ଦିବସ୍ ଭାବେ ଭାରତ୍ ସର୍‌କାର୍ ପାଲନ୍ କରୁଛନ୍ । ଜାତୀୟ ପରିସଂଖ୍ୟାନ ପଦ୍ଧତି ଲାଗି ପ୍ରଫେସର୍ ପ୍ରଶାନ୍ତଚନ୍ଦ୍ର ମହାଲୋନୋବିସ୍‌ଙ୍କର୍ ଖୋବ୍ ଅବଦାନ୍ ଥିବାର୍‌ନୁ ତାଙ୍କର୍ ଜନମ୍‌ଦିନ୍ ଜୁନ୍ ୨୯ ତାରିଖ୍‌କେ ୨୦୦୭ ମସିହାନୁ ଜାତୀୟ ପରିସଂଖ୍ୟାନ ଦିବସ୍ ଭାବେ ପାଲନ୍ କରାଯାଉଛେ । ଦେଶ୍ ଆର୍ ରାଜ୍ୟ ମାନ୍‌କର୍  ଯୋଜ୍‌ନା ତିଆର୍ ଆର୍ ଲାଗୁ କର୍‌ବାର୍ କ୍ଷେତ୍ରଥି ପରିସଂଖ୍ୟାନ୍‌ର ଭୂମିକା ରହିଛେ । ଇ ବଛର୍ ଇ ଦିବସ୍‌ର ବାର୍ତା ରହିଛେ ‘ପ୍ରଶାସନିକ୍ ତଥ୍ୟର ସମ୍ଭାବନାକେ ଉଜାଗର୍ କର୍‌ବାର୍’ ।

ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ୍     ବର୍‌ଗଡ଼୍ ସମ୍ବାଦଦାତା

ଅଣୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ବିଭାଗ୍ ତର୍‌ଫୁ ହେଇଥିବା ଉଦ୍ୟମୀ ଓଡ଼ିଶା କାର୍ଯ୍ୟକ୍ରମ୍ ୨୦୨୬ ର ୨ ଦିନିଆ କାର୍ଯ୍ୟକ୍ରମ୍ ଗଲାକାଏଲ୍ ବର୍‌ଗଡ୍ ଜିଲ୍ଲା ନିୟନ୍ତ୍ରିତ୍ ବଜାର୍ କମିଟି ପରିସର୍ ନ ଉଦ୍‌ଯାପିତ୍ ହେଇଯାଇଛେ । ଜିଲ୍ଲା ଶିଳ୍ପକେନ୍ଦ୍ର ସାଧାରଣ ପରିଚାଳିକା ସୁଷମା କରାଳି ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ । ଇ ଅବ୍‌ସରେ ଉଦ୍ୟୋଗ ପ୍ରତିଷ୍ଠା ଲାଗି ସର୍‌କାରୀ ସାହାଜ୍ ପି.ଏମ୍.ଇ.ଜି.ପି. ଆଉ ପି.ଏମ୍.ଏଫ୍.ଏମ୍.ଇ ଋଣ ବାଗିର୍ ବିଷେଥି ଆଲୋଚନା ହେଇଥିଲା ।

ବରିଷ୍ଠ ଆଥଲେଟିକ୍ ଚମ୍ପିଆନ୍‌ସିପ          ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ କ୍ରୀଡ଼ା ଆଉ ଯୁବସେବା ବିଭାଗ୍ ଆଉ ଆଥ୍‌ଲେଟିକ୍ ଫେଡ଼େରେସନ୍ ଅଫ୍ ଇଣ୍ଡିଆର ସହଯୋଗ୍‌ଥି ଭୁବ୍‌ନେଶ୍ୱର କଳିଙ୍ଗ ଷ୍ଟାଡ଼ିୟମ୍ ନ ଚାଲିଥିବା ୬୫ ତମ ଜାତୀୟ ଆନ୍ତଃରାଜ୍ୟ ବରିଷ୍ଠ ଆଥଲେଟିକ୍ ଚମ୍ପିଆନ୍‌ସିପ୍-୨୦୨୬ ଆଏଜ୍ ଉଦ୍‌ଯାପିତ ହେଇଯାଇଛେ । ପ୍ରତିଯୋଗିତାଥି ତାମିଲ୍‌ନାଡୁ ଦଲ୍ ଦଳଗତ ଚମ୍ପିଆନ୍ ହେଇଥିବାର୍ ବେଲେ ଉତର୍‌ପ୍ରଦେଶ୍ ରନର୍ସଅପ୍

ହେଇଛେ । ଓଡ଼ିଶା ଦଲ୍ ୩ ଟା ସ୍ୱର୍ଣ୍ଣ, ଗୁଟେ ରୌପ୍ୟ ଆଉ ୨ ଟା କାଂସ୍ୟ ପଦକ୍ ଜିତିକିର ୭ ନମ୍ବର୍ ଠାନେ ରହିଛେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ଦକ୍ଷିଣ- ପଶ୍ଚିମ ମୌସୁମୀ ବାୟୁର ସକ୍ରିୟ ପ୍ରଭାବ୍‌ଥି ଆଏବା ୩ ତାରିଖ୍‌ତକ୍ ଦକ୍ଷିଣ ଓଡ଼ିଶାର୍ ଜିଲ୍ଲାମାନ୍‌କେ ଅଏତ୍‌କା ବର୍ଷା ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ଅନୁମାନ୍ କରିଛେ । ସୂଚ୍‌ନା ଅନ୍‌ସାରେ କଲାହାଣ୍ଡି, କନ୍ଧମାଲ୍, ନବରଙ୍ଗ୍‌ପୁର୍, ରାୟଗଡ଼ା, କୋରାପୁଟ, ମାଲ୍‌କାନ୍‌ଗିରି ଆଉ ଗଜପତି ଜିଲ୍ଲାର୍ କେତେଟା ଜାଗା ନ ଆଏଜ୍ ମଧ୍ୟମ୍‌ନୁ ଜବର୍ ବର୍ଷା ସମ୍ଭାବନା ରହିଛେ । ଉତର୍-ପଶ୍ଚିମ ବଙ୍ଗୋପ୍‌ସାଗର୍ ଆଉ ଇତାର୍ ଆଖର୍‌ପାଖର୍ ଓଡ଼ିଶା ସମୁଦ୍ରଖଁଡ଼ି ନ ଲଘୁଚାପ୍ କ୍ଷେତ୍ର ସୃଷ୍ଟି ହେବାର୍ ସମ୍ଭାବନା ଥିବାର୍‌ନୁ ଆଏବା ବୁଧବାର୍ ନୁ ରାଏଜେ ବର୍ଷାର୍ ପରିମାଣ୍ ବଢ଼୍‌ବା ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ କୁହାଯାଇଛେ ।